# NATIONAL NEWS BULLETIN (ODIA)

**25 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ୬୬ଜଣଙ୍କୁ ସମ୍ମାନଜନକ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।

- ନୂଆଦିଲ୍ଲୀରେ ଆସନ୍ତାକାଲି ଅନୁଷ୍ଠିତ ହେବ କ୍ୱାଡ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ।

- ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ତ୍ରୁଟି ନେଇ ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ ।

- ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଙ୍କଟ ମଧ୍ୟରେ ଇନ୍ଧନ, ସାର ଓ ବିଦେଶୀ ମୁଦ୍ରା ଉପରେ ଅଧିକ ଧ୍ୟାନ ଦେବାକୁ ଆହ୍ୱାନ ଦେଲେ ଅର୍ଥମନ୍ତ୍ରୀ ।

ଏବଂ

- ପୁଣି ବୃଦ୍ଧି ପାଇଲା ପେଟ୍ରୋଲ ଓ ଡିଜେଲ ମୂଲ୍ୟ ।

---

## ପ୍ରେଜ୍ ପଦ୍ମ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ୨୦୨୬ ପାଇଁ ୬୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଉତ୍ସବରେ

ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ । ରାଷ୍ଟ୍ରପତି ଦୁଇଟି ପଦ୍ମ ବିଭୂଷଣ, ଛଅଟି ପଦ୍ମ ଭୂଷଣ ଏବଂ ୫୮ ଟି ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବେ। ୨୦୨୬ ବର୍ଷ ପାଇଁ ରାଷ୍ଟ୍ରପତି ପାଞ୍ଚ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ସମେତ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ ପାଇଁ ଅନୁମୋଦନ କରିଛନ୍ତି। ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ପଦ୍ମ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଏ। କଳା, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ । ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବେଳେ ଆଜି ମହେନ୍ଦ୍ର କୁମାର ମିଶ୍ର ପୁରସ୍କୃତ ହେବେ ।

## କ୍ୱାଡ୍-ଫରେନ ମିନିଷ୍ଟର୍ସ

ନୂଆଦିଲ୍ଲୀରେ ଆସନ୍ତାକାଲି କ୍ୱାଡ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହେବ । ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ଓଁ, ଜାପାନର

ବୈଦେଶିକ ମନ୍ତ୍ରୀ ତୋସିମିତସୁ ମୋତେଗି ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହି ବୈଠକରେ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ବୈଦେଶିକ ମନ୍ତ୍ରୀମାନେ କ୍ୱାଡ୍ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଅଗ୍ରାଧିକାର କ୍ଷେତ୍ର ଗୁଡ଼ିକରେ ସହଯୋଗ ବୃଦ୍ଧି କରିବା, ପୂର୍ବରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ଅଗ୍ରଗତି ସମୀକ୍ଷା ତଥା ଆନ୍ତର୍ଜାତିକ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବେ ।

## ପିଏମ୍-କ୍ୱିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରକୃତିର ଅସୀମ କୃପା, ସୂର୍ଯ୍ୟଦେବଙ୍କ ଶକ୍ତି ଏବଂ ବର୍ଷାର ପବିତ୍ର ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ସୁଖ ଏବଂ ସୌଭାଗ୍ୟରେ ସମୃଦ୍ଧ କରୁଥାଉ ବୋଲି କାମନା କରିଛନ୍ତି । ଏକ ସଂସ୍କୃତ ଶ୍ଲୋକକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପୃଥିବୀ ସର୍ବଦା ସବୁଜ ଏବଂ ସମୃଦ୍ଧ ରହିବ ।

## ଏସ୍‌ସି-ନିଟ୍

ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ବାରମ୍ବାର ତ୍ରୁଟି ଦେଖାଦେଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତାବ୍ୟକ୍ତ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପୂର୍ବରୁ ପ୍ରଶ୍ନପତ୍ର

ପ୍ରଘଟ ଘଟଣାରୁ କିଛି ଶିକ୍ଷା ପାଇନାହିଁ । ବିଚାରପତି ଜଷ୍ଟିସ ପି.ଏସ୍. ନରସିଂହା ଏବଂ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଏବଂ ସିବିଆଇକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ପରୀକ୍ଷଣ ସଂସ୍ଥା ପରିବର୍ତ୍ତେ ଅନ୍ୟକୌଣସି ଦୃଢ଼ ଏବଂ ସ୍ୱୟଂଶାସିତ ସଂସ୍ଥା ମେଡ଼ିକାଲ ପ୍ରବେଶିକା ପରୀକ୍ଷା କରାଇବା ଲାଗି ହୋଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ୩ଟି ପ୍ରମୁଖ ସଂସ୍ଥାକୁ ଜବାବ ଦାଖଲ ଲାଗି କହିଛନ୍ତି । ଆସନ୍ତା ଗୁରୁବାର ସୁଦ୍ଧା ଏନ୍‌ଟିଏକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଗତବର୍ଷ ଇସ୍ରୋ ଅଧ୍ୟକ୍ଷ କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ କେତେମାତ୍ରାରେ ଲାଗୁ କରାଯାଇଛି ସେ ନେଇ ବିସ୍ତୃତ ତଥ୍ୟ ଦେବାକୁ ଏନ୍‌ଟିଏକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

ସୁପ୍ରିମକୋର୍ଟରେ ହୋଇଥିବା ଆବେଦନରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ୨୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା କୁହାଯାଇଛି । ଭବିଷ୍ୟତରେ ହେବାକୁ ଥିବା ପରୀକ୍ଷାଗୁଡ଼ିକ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିରୀକ୍ଷଣରେ କରାଇବାକୁ ଆବେଦନରେ ଦାବି କରାଯାଇଛି । ସୂଚନାଯୋଗ୍ୟ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଚଳିତମାସ ୩ ତାରିଖରେ ହୋଇଥିବା ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାକୁ ବାତିଲ କରାଯାଇଥିଲା ।

## ଶାହା-ରାସବିହାରୀ ବୋଷ

ମହାନ୍ କ୍ରାନ୍ତିକାରୀ ରାସବିହାରୀ ବୋଷଙ୍କ ଜନ୍ମବାର୍ଷିକୀ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ରାସବିହାରୀ ବୋଷ ନିଜର ସାଂଗଠନିକ ଦକ୍ଷତା ବଳରେ ସ୍ୱାଧୀନତା ସଂଗ୍ରାମକୁ ଅଭୂତପୂର୍ବ ଶକ୍ତି ପ୍ରଦାନ କରିଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ବିପ୍ଲବୀ ରାସବିହାରୀ ବୋଷ ଆଜାଦ୍ ହିନ୍ଦ୍ ଫୌଜ ଏବଂ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଲିଗ୍ ଓ ଗଦର ଆନ୍ଦୋଳନ ମାଧ୍ୟମରେ ବିଦେଶୀ ମାଟିରେ ଭାରତୀୟମାନଙ୍କୁ ଏକତ୍ର କରି ସ୍ୱାଧୀନତାର ଶିଖା ପ୍ରଜ୍ୱଳିତ କରିଥିଲେ । ଶ୍ରୀ ଶାହା କହିଛନ୍ତି ଦେଶ’ ବିପ୍ଳବୀ ରାସବିହାରୀ ବୋଷଙ୍କ ଅଦମ୍ୟ ସାହସ ଏବଂ ଦେଶମାତୃକା ପ୍ରତି ପ୍ରେମକୁ ମନେରଖିବ ।

## ନିର୍ମଳା - ଇକୋନୋମି

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଙ୍କଟ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇନ୍ଧନ, ସାର ଏବଂ ବିଦେଶୀ ମୁଦ୍ରା ଉପରେ ଅଧିକ ଧ୍ୟାନ ଦେବାକୁ ଆହ୍ୱାନ ଦେଇଛନ୍ତି । ଘରୋଇ ଅର୍ଥନୀତି ସ୍ଥିର ରହିଛି ବୋଲି ସେ କହିଛନ୍ତି । ଆଜି ମୁମ୍ବାଇରେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ - ସିଡ୍‌ବିର ୩୬ତମ ବାର୍ଷିକୀ ପାଳନ ଅବସରରେ ଉଦ୍‌ବୋଧନ ଦେଇ

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି ଡିଜେଲ ଏବଂ ପେଟ୍ରୋଲ ଉତ୍ପାଦ ଉପରେ ଶୁଳ୍କ ହ୍ରାସ ଯୋଗୁଁ ୧ଲକ୍ଷ କୋଟି ଟଙ୍କାର ରାଜସ୍ୱ ପ୍ରଭାବ ପଡିବ । ଅନ୍ୟପକ୍ଷରେ ସୁନାର ବର୍ଦ୍ଧିତ ମୂଲ୍ୟ ଆହ୍ୱାନ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

## ଖାମନେଇ-ସିକ୍ରେସି

ଇରାନ୍‌ର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଏକ ଅଜ୍ଞାତ ସ୍ଥାନରେ ଗୁପ୍ତ ଭାବରେ ରହୁଥିବା ଆମେରିକାର ଗୁଇନ୍ଦା ଅଧିକାରୀଙ୍କ ରିପୋର୍ଟକୁ ଆଧାର କରି କୁହାଯାଇଛି । ସେ ରହୁଥିବା ଅଞ୍ଚଳରେ ଯୋଗାଯୋଗ ପ୍ରତିବନ୍ଧିତ କରାଯାଇଥିବା ଜଣାପଡିଛି । ରିପୋର୍ଟ ଅନୁଯାୟୀ ମୋଜତବା ଖାମନେଇଙ୍କୁ କୋରିୟର ମାଧ୍ୟମରେ ଖବର ଦିଆଯାଉଛି, ଯାହାଫଳରେ ଇରାନ୍ ସରକାରଙ୍କ ମଧ୍ୟରେ ଯୋଗଯୋଗରେ ବିଳମ୍ବ ହେବା ସହ ଆମେରିକା ସହ ଆଲୋଚନା ମନ୍ଥର ହେଉଛି ।

ଆମେରିକୀୟ ଅଧିକାରୀମାନେ କହିଛନ୍ତି ଇରାନ୍‌ରୁ ଗୁପ୍ତରେ ସଂଗୃହୀତ ସୂଚନା ଆଧାରରେ ଅପରେସନ ଏପିକ୍ ଫ୍ୟୁରି ସମୟରେ ଆମେରିକା ଓ ଇସ୍ରାଏଲର ସେନା ବରିଷ୍ଠ ଇରାନୀୟ ନେତାମାନଙ୍କ ଉପରେ ଆକ୍ରମଣ କରିଥିଲେ । ସେହି ଆକ୍ରମଣରେ ମୋଜତବା ଖାମନେଇ ଆହତ ହେବାପରେ କଡ଼ା ସୁରକ୍ଷା ମଧ୍ୟରେ ଗୁପ୍ତ ସ୍ଥାନରେ ରହିଛନ୍ତି । ଯୁଦ୍ଧ ଆରମ୍ଭ

ହେବା ପରଠାରୁ ଏପର୍ଯ୍ୟନ୍ତ ସେ ଲୋକଲୋଚନକୁ ଆସୁନଥିବା ରିପୋର୍ଟରେ ଦର୍ଶାଯାଇଛି ।

## ପେଟ୍ରୋଲ ପ୍ରାଇସ୍

ଦେଶରେ ଆଜି ଦୁଇ ସପ୍ତାହ ମଧ୍ୟରେ ଚତୁର୍ଥଥର ଲାଗି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି । ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୬୧ ପଇସା ବୃଦ୍ଧି ପାଇଥିବାବେଳେ ଡିଜେଲ ଲିଟର ପିଛା ୨ ଟଙ୍କା ୭୧ ପଇସା ବୃଦ୍ଧି ପାଇଛି । ଏହି ବୃଦ୍ଧି ଫଳରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସାକୁ ବୃଦ୍ଧି ପାଇଥିବାବେଳେ ଡିଜେଲ ମୂଲ୍ୟ ଲିଟର ପିଛା ୯୫ ଟଙ୍କା ୨୦ ପଇସାକୁ ବୃଦ୍ଧି ପାଇଛି ।

## ଆସାମ-ୟୁସିସି ବିଲ୍

ଆସାମ ସରକାର ଆଜି ରାଜ୍ୟ ବିଧାନସଭାରେ ଏକକ ନାଗରିକ ସଂହିତା ବିଧେୟକ ଆଗତ କରିଛନ୍ତି । ଏହି ବିଲ୍ ବହୁ ବିବାହକୁ ନିଷିଦ୍ଧ କରିବା ସହ ଲିଭ୍-ଇନ୍ ସମ୍ପର୍କ ପଞ୍ଜିକରଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବ । ଆସାମରେ ରହୁଥିବା କୌଣସି ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ଏହା ପ୍ରଯୁଜ୍ୟ ହେବନାହିଁ । ବିଧେୟକରେ ବିବାହ ନିମନ୍ତେ ସର୍ବନିମ୍ନ ପୁରୁଷଙ୍କ ପାଇଁ ୨୧ବର୍ଷ ଏବଂ ମହିଳାଙ୍କ ପାଇଁ ୧୮ ବର୍ଷ ବୟସ ବ୍ୟବସ୍ଥା ରହିଛି ଏବଂ ବହୁ ବିବାହକୁ ନିଷିଦ୍ଧ କରାଯାଇଛି । ଏହି ବିଧେୟକରେ

ବିବାହ ଏବଂ ଛାଡପତ୍ର ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯିବାକୁ ପ୍ରସ୍ତାବ ରହିଛି । ଯାହାଫଳରେ ଭରଣପୋଷଣ, ଉତ୍ତରାଧିକାର ଚୟନ ଓ ଅନ୍ୟାନ୍ୟ ଆଇନ୍‌ଗତ ସୁରକ୍ଷା ଯୋଗାଇ ଦିଆଯାଇପାରିବ । ଆସାମ କ୍ୟାବିନେଟ୍ ମନ୍ତ୍ରୀ ଅତୁଲ ବୋରା' ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କ ପକ୍ଷରୁ ଏକକ ନାଗରିକ ସଂହିତା ଆସାମ ବିଧେୟକ ୨୦୨୬ ଗୃହରେ ଉପସ୍ଥାପନ କରିଛନ୍ତି । ଉତ୍ତରପୂର୍ବାଞ୍ଚଳରେ ପ୍ରଥମ ଏବଂ ଦେଶର ତୃତୀୟ ବିଜେପି ଶାସିତ ରାଜ୍ୟ ଭାବେ ଆସାମ ଏହି ବିଧେୟକ ଆଗତ କରିଛି ।

# ସିବିଏସ୍‌ଇ-ଏକ୍ସଟେଣ୍ଡେଡ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ -CBSE ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଉତ୍ତର ପୁସ୍ତକର ସ୍କାନ ହୋଇଥିବା ଫଟୋକପି ପାଇବାର ଶେଷ ତାରିଖକୁ ଆଜି ପର୍ଯ୍ୟନ୍ତ ଆଉ ଗୋଟିଏ ଦିନ ବୃଦ୍ଧି କରିଛି। ସୂଚନା ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟାପ୍ତ ସମୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସମୟସୀମା ବୃଦ୍ଧି କରାଯାଇଛି । ପୁନଃମୂଲ୍ୟାୟନ ନିମନ୍ତେ ଅନୁରୋଧ ମିଳିବା ପରେ ତାରିଖ ଘୋଷଣା କରାଯିବ। CBSE ର ସୂଚନା ଅନୁଯାୟୀ ସ୍କାନ ଏବଂ ମୂଲ୍ୟାଙ୍କିତ ଉତ୍ତର ପୁସ୍ତକର ଶେଷ କପି ଆବେଦନକାରୀଙ୍କ ପାଇଁ ଉପଲବ୍ଧ ହେବା ପରେ ପୋର୍ଟାଲ୍ ଅଧିକ ୨ ଦିନ ପାଇଁ ଖୋଲା ରହିବ।

# ହଜ୍-ପିଲିଗ୍ରିମେଜ୍

ଭାରତ ସମେତ ବିଶ୍ୱର କୋଣଅନୁକୋଣରୁ ବାର୍ଷିକ ହଜ୍ ଯାତ୍ରା ନିମନ୍ତେ ଲକ୍ଷାଧିକ ଶ୍ରଦ୍ଧାଳୁ ସାଉଦୀ ଆରବର ମିନାରେ ଏକତ୍ରିତ ହେବାରେ ଲାଗିଛନ୍ତି । ପବିତ୍ର ସହର ମକ୍କାରୁ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ମିନାର ଟେଣ୍ଟ ସିଟିରେ ଶ୍ରଦ୍ଧାଳୁମାନେ ପହଞ୍ଚୁଛନ୍ତି । ସେଠାରେ ରାତ୍ରିଯାପନ ପରେ ଆସନ୍ତାକାଲି ପ୍ରାତଃ ସମୟରେ ଶ୍ରଦ୍ଧାଳୁମାନେ ଆରାଫାତ୍ ଆଡକୁ ଯାତ୍ରା ଆରମ୍ଭ କରିବେ ।

ଭାରତରୁ ପ୍ରାୟ ୧ଲକ୍ଷ ୭୫ହଜାର ଶ୍ରଦ୍ଧାଳୁ ଚଳିତବର୍ଷ ହଜ୍ ଯାତ୍ରାରେ ଯୋଗ ଦେଉଛନ୍ତି । ହଜ୍ ଯାତ୍ରୀମାନଙ୍କ ସୁବିଧା, ସୁରକ୍ଷିତ ଏବଂ ନିରାପଦ ଯାତ୍ରା ଲାଗି ସରକାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରୁଥିବା ପୂର୍ବରୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଥିଲେ । ହଜ୍ ସୁବିଧା ମୋବାଇଲ ଆପ୍ ଜରିଆରେ ଭାରତୀୟ ହଜ୍ ଯାତ୍ରୀମାନଙ୍କୁ ସମସ୍ତ ସୂଚନା ଦିଆଯାଉଥିବା ଜଣାପଡିଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବରିଷ୍ଠ ନାଗରିକଙ୍କ ପାଇଁ ୱାନ୍‌ଷ୍ଟପ୍ ଡିଜିଟାଲ୍ ସହାୟତା-ଜୀବନ ଏବଂ ଶତାୟୁ ଆପ୍ସ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ

ମୋନାଲୀ ପି. ଧାକାଟେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଆଇଏମ୍‌ଡି-ୱେଦର

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ହରିୟାଣା, ଚଣ୍ଡିଗଡ, ପଞ୍ଜାବ, ବିହାର, ଛତିଶଗଡ, ମଧ୍ୟପ୍ରଦେଶ, ଉପକୂଳ ଆନ୍ଧ୍ରପ୍ରଦେଶ, ପୂର୍ବ ରାଜସ୍ଥାନ, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ପଶ୍ଚିମ ଉତ୍ତରପ୍ରଦେଶରେ ଗ୍ରୀଷ୍ମପ୍ରବାହ ଜାରି ରହିବା ନେଇ ସତର୍କତା ଜାରି କରିଛି । ନୂଆଦିଲ୍ଲୀ ପାଇଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରାଯାଇଛି । ପୂର୍ବ ଉତ୍ତରପ୍ରଦେଶ ଏବଂ ବିଦର୍ଭ ଅଞ୍ଚଳରେ ରାତି

ସମୟରେ ମଧ୍ୟ ପ୍ରବଳ ଗୁଳଗୁଳି ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।